କୁନ୍ତୀଙ୍କର ଶତଶୃଙ୍ଗ ପର୍ବତରେ ରହିବା ଓ ଭୀଷ୍ମଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କୁ ପଣ୍ଡୁଙ୍କ ମୃତ୍ୟୁ ଖବର କହିବା

ପୁଅନ୍ତ ଅଣାଇ ଦିଅ ମୋର ଯେଥ
ମୁହିଂ ରହି ପାରିବି କି ଗାନ୍ଧାରୀ ସଙ୍ଗତ । ୧ ।
ଦୁଷ୍ଟ ପ୍ରକୃତି ସେ ଅଟଇ ଗାନ୍ଧାରୀ
ପୁତ୍ର ଗୋଟି ମାନେ ତାର ଅଟନ୍ତି ଦୁଷ୍ଟ ଆଚାରୀ । ୨ ।
ତାହାର ବେଳେ ମୋତେ ନୋହଇ ସମ୍ଭାଳି
ସେ ସହି ନ ପାରିବେ ମୋର ଭୀମାର ଆରଦୋଳି । ୩ ।
ସୋଦରେ ସୋଦରେ ଦ୍ୱନ୍ଦ ହୋଇବାକ କି କେମନ୍ତେ
ପୁଅନ୍ତ ଘେନି ମୁଂ ଯେଥେ ଥାଇଂନା ନିଶ୍ଚିନ୍ତେ । ୪ ।
ଭୀଷ୍ମଙ୍କୁ ପରିଣାମି ବୋଲନ୍ତି ଦେବୀ କୋନ୍ତେ
ପୁଅନ୍ତ ବହନ କରି ଅଣାଇବା ଯେଥେ । ୫ ।
ଭୀଷ୍ମେ ବୋଇଲେ ମା ଗୋ ନୋହଇ ଯେମନ୍ତ
ପଣ୍ଡୁର ତେଜେ ଯେଥେ ହୋଇଥିଲୁ ନିଷ୍ଚିନ୍ତ । ୬ ।
ଅସୁର ବଳ ଦୁଷ୍ଟ ରାକ୍ଷସ ଶିର ଛେଦି
ତ୍ରଇଲୋକ୍ୟେ ଅସମ୍ଭବ ପଣ୍ଡୁ ଅଟଇ ଶବଦଭେଦୀ । ୭ ।
ତେଡେ ବଡ ଛତ୍ରୀ ଗୋ ପାର ନ ଗଲାଟି କାଳେ
ଅବିଶାପ ହୋଇଲାଟି ଗୋ କର୍ମର ଅବଳେ । ୮ ।
ଅଦୋଷେଣ ସେ ନାଶ ଗଲାଟି ରାୟେ ପଣ୍ଡୁ
ରାଜ୍ୟକୁ ଯିବା ଗୋ ମାୟେ ଯେ ବନସ୍ତ ପୁତୁ ପୁତୁ । ୯ ।
କୋଇନ୍ତାୟେ ବୋଇଲେ ଆମ୍ଭେ ରହିଥିଲୁଂ ଯେଥେ
ନିର୍ଦ୍ୱନ୍ଦୀ ହୋଇଥିଲୁ ତିନିଶ ପଞ୍ଚାଶ ବର୍ଷ ପରିଯନ୍ତେ । ୧୦ । ସଂଖ୍ୟା
ଯେ ଥାନ ଛାଡି ଯିବାକୁ ନ ବଳଇ ମୋର ଇଛା
ତହିଂକି ମୋତେ ନେଇ କରି ନ ପାରିବଟି ରକ୍ଷା । ୧୧ ।
ଯେତେବେଳ ପରିଯନ୍ତେ ସ୍ୱାମୀ ତ ମୋର ନାହିଂ
ଯେମନ୍ତେହେଂ ପର୍ବତ ଅଛି ମୋତେ ସହି । ୧୨ ।
ସ୍ୱାମୀର ଶବ ଯେ ମୋର ପଡିଲାକ ଯେଥେ
କେମନ୍ତେ ଯିବି ପ୍ରେତକାର୍ଯ୍ୟ ନ ସରିବା ପରିଯନ୍ତେ । ୧୩ ।
ଯେବେ ତୁମ୍ଭେ ଦେବ ବିଜେ କରି ଯିବା
ପୁଅନ୍ତ ଘେନିଣ ମୋର ବହନ ଆସିବ । ୧୪ ।
କୋଇନ୍ତାୟେ ଯେ ସେ ପରମ ମାହେଶ୍ୱରୀ
ଚଳିଲେ ଗାଙ୍ଗେବ ଯେ ଦେବୀର ଆଗ୍ୟାଂୟେଣ କରି । ୧୫ ।
ଭୀଷ୍ମ ଭୂରିସର୍ବା ବିଦୁର ସହିତେ
ବାହୁଡିଣ ଆସନ୍ତି ଯେ କୋଇନ୍ତାକୁ ଛାଡିଣ ବନସ୍ତେ । ୧୬ ।
ହସ୍ତିନା ରାଜ୍ୟରେ ଯେ ପ୍ରବେଶ ହୋଇଲେ
ଧୃତରାଷ୍ଟ ଆଗେ ଯାଇ ଗାଙ୍ଗେବ ବସିଲେ । ୧୭ ।
ସଞ୍ଜୟେ କହିଲେ ଶୁଣ ଆହୋ କୁରୁପତି
ସନ୍ନିଧ୍ୟେ ବିଜେ କଲେ ଭୀଷ୍ମ ମହାରଥୀ । ୧୮ ।
ଆସ୍ଥାନ ତେଜି ଯେ ଉଠିଲେ ସୋମବଂଶୀ
ଭୀଷ୍ମଙ୍କ ଚରଣେ ଧୃତରାଷ୍ଟ ଶିର ଯେ ନିବେଶି । ୧୯-୩୧୧୯ ।

********